# NATIONAL NEWS BULLETIN (ODIA)

**28 May - 2024**

**Mid Bulletin : 1.50 p.m.**

# ମୁଖ୍ୟ ସମ୍ବାଦ

- ଜନଜାତି ବର୍ଗର ଲୋକଙ୍କ ଅଧିକାରର ସୁରକ୍ଷା ପାଇଁ ଲଢ଼େଇ ଜାରି ରଖିବେ ବୋଲି କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଓଡ଼ିଶା ଗସ୍ତରେ ଆସି ଆଜି ଚାନ୍ଦବାଲି ଠାରେ ନିର୍ବାଚନୀ ର୍ୟାଲିକୁ ସମ୍ବୋଧନ କଲେ ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ।
- ମିଜୋରାମର ହେଲିମେନ୍‌ଠାରେ ଭୂସ୍ଖଳନ ଯୋଗୁଁ ୧୦ଜଣଙ୍କ ମୃତ୍ୟୁ ।
- ସାମୁଦ୍ରିକ ଝଡ଼ ରେମାଲର ଗତିପଥକୁ ଦୃଷ୍ଟିରେ ରଖି ଆସାମର ଅନେକ ଜିଲ୍ଲାରେ ହାଇଆଲର୍ଟ ଜାରି ।

ଏବଂ

- ଫ୍ରେଞ୍ଚ୍ ଓପନ୍ ଟେନିସ୍ ପ୍ରତିଯୋଗିତାର ମିଳିତ ପୁରୁଷ ବର୍ଗରେ ଭାରତୀୟ ଖେଳାଳି ରୋହନ ବୋପନ୍ନା ଏବଂ ଯୁକି ଭାମ୍ବରୀ ଆଜି ଆରମ୍ଭ କରିବେ ଅଭିଯାନ ।

## ପିଏମ୍-ଇଣ୍ଟରଭ୍ୟୁ

ସଂରକ୍ଷଣ ନାଁରେ କଂଗ୍ରେସ ଭୋଟ୍‌ବ୍ୟାଙ୍କ ରାଜନୀତି କରୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିଯୋଗ କରିଛନ୍ତି । ଏକ ଗଣମାଧ୍ୟମ ସଂସ୍ଥାକୁ ଦେଇଥିବା ସାକ୍ଷାତ୍‌କାରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତୀୟ ସମ୍ବିଧାନର ମୌଳିକ ଭାବନାକୁ ଉଲ୍ଲଙ୍ଘନ କରାଯାଉଛି । ବିରୋଧୀମାନେ ଭୋଟ୍‌ବ୍ୟାଙ୍କ ରାଜନୀତି ପାଇଁ ସମ୍ବିଧାନର ମୌଳିକ ବ୍ୟବସ୍ଥା ଉପରେ ଆଞ୍ଚ ଆସିବା ଭଳି କାର୍ଯ୍ୟ କରୁଛନ୍ତି । ଅନୁସୂଚିତ ଜାତି, ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗଙ୍କୁ ବିରୋଧୀମାନେ ପ୍ରତାରଣା କରୁଛନ୍ତି । ଏଥିପ୍ରତି ସଜାଗ ଓ ସଚେତନ ରହିବାକୁ ଆହ୍ୱାନ ଦେବା ସହ ଜନଜାତି ବର୍ଗର ଲୋକଙ୍କ ଅଧିକାରର ସୁରକ୍ଷା ପାଇଁ ଲଢ଼େଇ ଜାରି ରଖିବେ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଅନ୍ୟଏକ ପ୍ରଶ୍ନର ଉତ୍ତର ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ତାଙ୍କ ସରକାର ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତିରେ କାର୍ଯ୍ୟ କରୁଛି; କିନ୍ତୁ ଦୁର୍ନୀତିରେ ଲିପ୍ତ ଥିବା ବିରୋଧୀମାନେ ଏକଥାକୁ ନବୁଝି ସେମାନଙ୍କ ବିରୋଧରେ ଇଡି, ସିବିଆଇ ଏବଂ ଆୟକର ବିଭାଗକୁ ବ୍ୟବହାର କରାଯାଉଛି ବୋଲି ଅଭିଯୋଗ କରିଛନ୍ତି ।

ଚଳିତ ଲୋକସଭା ନିର୍ବାଚନରେ ଜାମ୍ମୁ କାଶ୍ମୀରରେ ଅଧିକ ମତଦାନ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଏହା ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ପାଇଁ ନିଶ୍ଚିତଭାବେ ଏକ ଗୌରବର ବିଷୟ । ଅଧିକ ସଂଖ୍ୟାରେ ଭୋଟ୍ ଦେଇ ଜାମ୍ମୁକାଶ୍ମୀରର ଭୋଟରମାନେ ଭାରତୀୟ ସମ୍ବିଧାନକୁ ଗ୍ରହଣ

କରିଥିବା ଏବଂ ଭାରତର ସମଗ୍ର ଭାବନା ପ୍ରତି ସେମାନଙ୍କର ସମର୍ପଣ ଭାବକୁ ଦେଶବାସୀଙ୍କ ନିକଟରେ ପ୍ରକାଶ କରିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

# ସେଭେନ୍ ଫେଜ୍ ଇଲେକ୍ସନ୍

୮ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୋଟ୍ ୫୭ଟି ଲୋକସଭା ଆସନ ଲାଗି ଆସନ୍ତା ଶନିବାର ଦେଶର ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନରେ ଭୋଟ୍ ଗ୍ରହଣ କରାଯିବ । ଏଥିଲାଗି ଆସନ୍ତା ଗୁରୁବାର ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହେଉଛି । ଉତ୍ତରପ୍ରଦେଶ ଓ ପଞ୍ଜାବର ୧୩ଟି ଲେଖାଏଁ ଆସନ, ପଶ୍ଚିମବଙ୍ଗର ୯ଟି, ବିହାରର ୮ଟି, ଓଡ଼ିଶାର ୬ଟି,  ହିମାଚଳ ପ୍ରଦେଶର ୪ଟି, ଝାଡ଼ଖଣ୍ଡର ୩ଟି ଓ ଚଣ୍ଡିଗଡ଼ର ଗୋଟିଏ ଲୋକସଭା ଆସନରେ ମତଗ୍ରହଣ କରାଯିବ ।

ସେହି ଦିନ ଓଡ଼ିଶାରେ ମଧ୍ୟ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ୬ଟି ସଂସଦୀୟ କ୍ଷେତ୍ର ଏବଂ ଏହାର ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ଲାଗି ଏକ ସଙ୍ଗେ ମତଗ୍ରହଣ କରାଯିବ । ଏହି ସଂସଦୀୟ କ୍ଷେତ୍ର ଗୁଡ଼ିକ ହେଉଛି ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ଜଗତସିଂହପୁର । ଆସନ୍ତା ମାସ ୪ ତାରିଖ ଦିନ ସମସ୍ତ ପର୍ଯ୍ୟାୟ ନିର୍ବାଚନର ଭୋଟ ଗଣତି କରାଯିବ ।

# ଅମିତ ଶାହା ଓଡ଼ିଶା ଗସ୍ତ

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ଓଡ଼ିଶା ଗସ୍ତରେ ଆସି ଚାନ୍ଦବାଲି ଠାରେ ନିର୍ବାଚନୀ ର୍ୟାଲିକୁ ସମ୍ବୋଧନ କରୁଛନ୍ତି । ଏହାପରେ ଶ୍ରୀ ଶାହା ଯାଜପୁର ଜିଲ୍ଲାର କୋରେଇ ଏବଂ ପୁରୀ ଜିଲ୍ଲାର ନିମାପଡାଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବଡ଼ଚଣା, ଧର୍ମଶାଳା ଓ ବିଂଝାରପୁରରେ ପ୍ରଚାର କରିବାର କାର୍ଯ୍ୟସୂଚୀ ରହିଛି ।

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସି ବାରିପଦାର ଛଉପଡ଼ିଆ, ବାଲେଶ୍ୱର ଏବଂ କେନ୍ଦ୍ରାପଡ଼ାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ ।

ସେହିଭଳି ଆସନ୍ତାକାଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ବାଲେଶ୍ୱର ଏବଂ ଭଦ୍ରକରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା କାର୍ଯ୍ୟକ୍ରମ ଥିବାବେଳେ ଦଳର ବରିଷ୍ଠ ନେତା ରାହୁଲ ଗାନ୍ଧୀ ପ୍ରଚାରର ଶେଷଦିନ ଅର୍ଥାତ୍ ଆସନ୍ତା ୩୦ ତାରିଖ ଗୁରୁବାର ଦିନ ବାଲେଶ୍ୱରରେ ପ୍ରଚାର କରିବେ ।

# ମିଜୋରାମ-ଲ୍ୟାଣ୍ଡ୍‌ସଲାଇଡ

ମିଜୋରାମର ଆଇଜୋଲଠାରୁ ପ୍ରାୟ ୪ କିଲୋମିଟର ଦୂର ହେଲିମେନ୍‌ଠାରେ ଆଜି ସକାଳେ ଭୂସ୍ଖଳନ ଘଟି ୧୦ଜଣଙ୍କର ମୃତ୍ୟୁ

ହୋଇଛି । ମୃତକଙ୍କ ପରିଚୟ ମିଳିପାରି ନାହିଁ । ଉଦ୍ଧାରକାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି । ଆକାଶବାଣୀର ଆଇଜୋଲ ପ୍ରତିନିଧିଙ୍କ ସୂଚନା ଅନୁଯାୟୀ ଲଗାଣ ବର୍ଷା ଯୋଗୁଁ ମିଜୋରାମରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଅନେକ ସ୍ଥାନରେ ଭୂସ୍ଖଳନ ଓ ବଡ ବଡ ଗଛ ଉପୁଡି ପଡିବା ଯୋଗୁଁ  ରାସ୍ତାଘାଟ ବିଚ୍ଛିନ୍ନ ହୋଇଯାଇଛି । ରାଜଧାନୀ ଆଇଜୋଲ ସହର ଶୂନ୍‌ଶାନ୍ ହୋଇଯାଇଥିବା ବେଳେ ଦୋକାନବଜାର ବନ୍ଦ ରହିଛି । ସର୍ବସାଧାରଣ ପରିବହନ ମଧ୍ୟ ବ୍ୟାହତ ହୋଇଛି । ମୁଖ୍ୟମନ୍ତ୍ରୀ ଲାଲଦୁହୋମା ଏହି ଘଟଣାରେ ଗଭୀର ଦୁଃଖପ୍ରକାଶ କରିବା ସହ ପୀଡିତଙ୍କ ପାଇଁ ବିପର୍ଯ୍ୟୟ ରିଲିଫ ପାଣ୍ଠିରୁ ୧୫ କୋଟି ଟଙ୍କା ଘୋଷଣା କରିଛନ୍ତି । ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ସ୍କୁଲ ବନ୍ଦ ଘୋଷଣା କରାଯାଇଛି ।

## ଆୟୁଷ

ଆୟୁଷ କ୍ଷେତ୍ରର ଅଭିବୃଦ୍ଧି ପାଇଁ ଅଧିକ ଗବେଷଣା ଆବଶ୍ୟକତା ରହିଛି ବୋଲି ଆୟୁଷ ମନ୍ତ୍ରଣାଳୟର ସଚିବ ବୈଦ୍ୟ ରାଜେଶ କୋଟେଚା କହିଛନ୍ତି । ନୂଆଦିଲ୍ଲୀରେ ଫାର୍ମା ରିସର୍ଚ୍ଚ ଇନ୍ ଆୟୁର୍ଗିଆନ ଆଣ୍ଡ ଟେକ୍ନୋ ଇନୋଭେସନ ପ୍ରଗତି-୨୦୨୪କୁ ଆଜି ଉଦ୍‌ଘାଟନ କରିବା ଅବସରରେ ଶ୍ରୀ କୋଟେଚା ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରି କହିଛନ୍ତି ଗତ ୧୦ ବର୍ଷ ମଧ୍ୟରେ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଅନେକ ଗବେଷଣାଭିତ୍ତିକ କାର୍ଯ୍ୟ ହାତକୁ ନିଆଯାଇଛି । ଏହି କ୍ଷେତ୍ରରେ

ବିଶ୍ୱସ୍ତରୀୟ ମାନଦଣ୍ଡ ପୂରଣ କରିବା ପାଇଁ ସମସ୍ତ ଅଂଶୀଦାର ମିଳିତ ଭାବରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି । ପାରମ୍ପରିକ ଔଷଧରେ ଦେଶବାସୀଙ୍କ ସେବା କରିବା ପାଇଁ ମନ୍ତ୍ରଣାଳୟ କାର୍ଯ୍ୟ କରୁଛି ।

କାର୍ଯ୍ୟକ୍ରମରେ ଯୋଗଦେଇ ସିସିଆର୍‌ଏଏସ୍ ର ମହାନିର୍ଦ୍ଦେଶକ ପ୍ରଫେସର ବୈଦ୍ୟ ରବିନାରାୟଣ ଆଚାର୍ଯ୍ୟ କହିଛନ୍ତି, ଗବେଷଣା ସୁଯୋଗ ଖୋଜିବା ସହ ସିସିଆର୍‌ଏଏସ୍ ଏବଂ ଆୟୁର୍ବେଦ ଔଷଧ ଶିଳ୍ପ ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରିବା ଉପରେ ‘ପ୍ରଗତି-୨୦୨୪’ ଗୁରୁତ୍ୱାରୋପ କରେ । ଆୟୁର୍ବେଦ ଔଷଧ ଉତ୍ପାଦନ ଏବଂ ବୈଷୟିକ ଉଦ୍ଭାବନରେ ନିୟୋଜିତ ଗବେଷକ ଏବଂ ଶିଳ୍ପ ସହଯୋଗୀମାନଙ୍କୁ ଯୋଡ଼ି ଔଷଧ ଏବଂ ଉପକରଣ ବିକାଶରେ ଆୟୁର୍ବେଦ ଅଂଶୀଦାର ସମ୍ଭାବନାକୁ ସର୍ବାଧିକ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରଫେସର ଆଚାର୍ଯ୍ୟ କହିଛନ୍ତି ।

## ପିଏମ୍-ପପୁଆ ନିଉଗିନି

ପାପୁଆ ନିଉ ଗିନିରେ ସଂଘଟିତ ପ୍ରଳୟଙ୍କରୀ ଭୂସ୍ଖଳନରେ ହୋଇଥିବା କ୍ଷୟକ୍ଷତିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକବ୍ୟକ୍ତ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଏହି ଭୂସ୍ଖଳନରେ କ୍ଷତିଗ୍ରସ୍ତ ଭାରତୀୟ ପରିବାରଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ଏଥିସହିତ ଭାରତ ସମସ୍ତ ସମ୍ଭାବ୍ୟ ସମର୍ଥନ ଏବଂ ସହାୟତା ପ୍ରଦାନ କରିବାକୁ ପ୍ରସ୍ତୁତ ଅଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ପିଏମ୍-ବୀର ସବରକର

ମହାନ୍ ସ୍ୱାଧୀନତା ସଂଗ୍ରାମୀ ବୀର ସାବରକରଙ୍କ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି ମାତୃଭୂମିର ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ବୀର ସାବରକର ଦେଶବାସୀଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବେ ।

# ଦିଲ୍ଲୀ-ଫ୍ଲାଇଟ୍

ଦିଲ୍ଲୀ ବିମାନ ବନ୍ଦରରେ ବାରାଣାସୀ ଅଭିମୁଖେ ଯାଉଥିବା ଇଣ୍ଡିଗୋ ବିମାନରେ ବୋମା ବିସ୍ଫୋରଣ ଧମକ ସୂଚନା ପାଇ ଯାତ୍ରୀମାନଙ୍କୁ ଜରୁରୀକାଳୀନ ଦ୍ୱାର ଦେଇ ବାହାରକୁ ନିଆଯାଇଛି । ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି ଏବଂ ବିମାନର ଯାଞ୍ଚ କରାଯାଉଛି । ଏ ସମ୍ପର୍କରେ ବିବୃତ୍ତି ରଖି ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି ଯେ ଉକ୍ତ ବିମାନରେ ବୋମା ବିସ୍ଫୋରଣ ହେବା ନେଇ ଏକ ନିର୍ଦ୍ଦିଷ୍ଟ ଧମକପୂର୍ଣ୍ଣ ସୂଚନା ମିଳିଥିଲା । ଏହାପରେ ସମସ୍ତ ଆବଶ୍ୟକ ପ୍ରୋଟୋକଲ ପାଳନ କରାଯାଇ ସୁରକ୍ଷା

ଏଜେନ୍ସୀମାନେ ବିମାନଟିକୁ ଏକ ଦୁର୍ଗମ ଉପସାଗରକୁ ନେଇଯାଇଛନ୍ତି । ସମସ୍ତ ପ୍ରକାର ସୁରକ୍ଷା ଯାଞ୍ଚ ପରେ ବିମାନଟିକୁ ଟର୍ମିନାଲ ଅଞ୍ଚଳରେ ପୁନର୍ବାର ମୁତୟନ କରାଯିବ ।

## ଆସାମ-ରେମାଲ

ସାମୁଦ୍ରିକ ଝଡ଼ ରେମାଲର ଗତିପଥକୁ ଦୃଷ୍ଟିରେ ରଖି ଆମାସର ଅନେକ ଜିଲ୍ଲାରେ ହାଇଆଲର୍ଟ ଜାରି କରାଯାଇଛି । ରାଜ୍ୟର ଚିରାଙ୍ଗ, ଗୋଲପଡା, ବକ୍ସା, ଡିମାହାସାଓ, କାଚାର, ହାଇଲାକାଣ୍ଡି, କରିମଗଞ୍ଜ ଆଦି ଜିଲ୍ଲା ପାଇଁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ରେଡ ଆଲର୍ଟ ଜାରି କରାଯାଇଥିବାବେଳେ ଧୋବରୀ, ଦକ୍ଷିଣ ସାଲଭରା, ନଲବାରୀ, ବାଜାଲି, ତମୁଲପୁର, ବଙ୍ଗାଇଗାଁ ଏବଂ ପଶ୍ଚିମ କାର୍ବି ଆଙ୍ଗଲଙ୍ଗ ଆଦି ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି ।

ଗତକାଲି ରାତିରୁ ରେମାଲ ପ୍ରଭାବରେ ଲଗାଣ ବର୍ଷା ଓ ପ୍ରବଳ ପବନ ଯୋଗୁଁ ଗୌହାଟୀ ସମେତ ଅଧିକାଂଶ ଜିଲ୍ଲାରେ ବିଦ୍ୟୁତ୍‌ଯୋଗାଣ ବାଧାପ୍ରାପ୍ତ ହୋଇଛି । ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଜିଲ୍ଲା ପ୍ରଶାସନ ଆଜିପାଇଁ ସ୍କୁଲଗୁଡ଼ିକୁ ବନ୍ଦ ରଖିଥିବାବେଳେ ଉତ୍ତର-ପୂର୍ବ ସୀମାନ୍ତ ରେଳବାଇ କର୍ତ୍ତୃପକ୍ଷ ଅନେକ ଟ୍ରେନ୍‌ର ଚଳାଚଳ ବାତିଲ କରିଛନ୍ତି ।

ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସମସ୍ତ ଜିଲ୍ଲାପାଳଙ୍କୁ ପରିସ୍ଥିତିର ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆବଶ୍ୟକତା

ଅନୁଯାୟୀ ବିଭିନ୍ନ ନଦୀରେ ଡଙ୍ଗା ଚଳାଚଳ ଉପରେ ନିୟନ୍ତ୍ରଣ ରଖିବାକୁ କୁହାଯାଇଛି ।

## ପଶ୍ଚିମବଙ୍ଗ-ରେମାଲ

ପଶ୍ଚିମବଙ୍ଗରେ ସାମୁଦ୍ରିକ ଝଡ଼ ରେମାଲରେ ୬ଜଣଙ୍କ ମୃତ୍ୟୁ ଘଟିଛି । ଝଡ଼ବର୍ଷାର ପ୍ରଭାବରେ ଦକ୍ଷିଣ ଓ ଉତ୍ତର ଚବିଶପ୍ରଗଣା ଜିଲ୍ଲାର ଉପକୂଳବର୍ତ୍ତୀ ଅଞ୍ଚଳରେ ଏକ ବିଶାଳ ଅଂଶ ଜଳମଗ୍ନ ହୋଇଛି । ସମୁଦ୍ର ଜୁଆର ମାଡ଼ିଆସି ଉପକୂଳବର୍ତ୍ତୀ ଅଞ୍ଚଳରେ ଚାଷଜମି ଓ ମତ୍ସ୍ୟଚାଷ କ୍ଷେତରେ ମାଡ଼ିଯାଇଛି । ଆଜି ଉତ୍ତରବଙ୍ଗର କେତେକ ଜିଲ୍ଲାରେ ବର୍ଷା ଜାରି ରହିଛି । ଚବିଶପ୍ରଗଣା ଜିଲ୍ଲା ଅନ୍ତର୍ଗତ କୋଲକାତା ଓ ଏହାର ଆଖପାଖ ଜିଲ୍ଲାରେ ବର୍ଷା ଓ ପବନ ଥମିଛି । ସରକାରୀ ଆଶ୍ରୟସ୍ଥଳକୁ ଲୋକମାନେ ନିଜନିଜ ଘରକୁ ଫେରିବା ଆରମ୍ଭ କରିଛନ୍ତି । ସପ୍ତମ ତଥା ଶେଷ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ କୋଲକାତା ଏବଂ ଦକ୍ଷିଣ ଓ ଉତ୍ତର ଚବିଶପ୍ରଗଣା ଜିଲ୍ଲାରେ ନିର୍ବାଚନ ପ୍ରଚାର କାର୍ଯ୍ୟ ପୁଣି ସରଗରମ ହୋଇଉଠିଛି । ଜୁନ୍ ୧ ତାରିଖରେ ଏହି ପର୍ଯ୍ୟାୟରେ ରାଜ୍ୟର ୯ଟି ଆସନରେ ମତଦାନ ହେବ ।

# ଫ୍ରେଞ୍ଚ ଓପନ୍

ଫ୍ରାନ୍ସର ପ୍ୟାରିସ୍ ଠାରେ ଚାଲିଥିବା ଫ୍ରେଞ୍ଚ୍ ଓପନ୍ ଟେନିସ୍ ପ୍ରତିଯୋଗିତା ମିଳିତ ପୁରୁଷ ବର୍ଗରେ ଆଜି ଭାରତୀୟ ଖେଳାଳି ରୋହନ ବୋପନ୍ନା ଏବଂ ୟୁକି ଭାମ୍ବରୀ ତାଙ୍କର ପ୍ରଥମ ମ୍ୟାଚ୍ ଖେଳିବେ । ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ବୋପନ୍ନା  ଏବଂ ଅଷ୍ଟ୍ରେଲିୟାର ମାଥ୍ୟୁ ଏଫ୍‌ଡେନ୍‌ଙ୍କ ଯୋଡ଼ି ଫିନ୍‌ଲାଣ୍ଡର ଏମିଲ୍ ରୁଷୁଭୌରୀ ଏବଂ ହଙ୍ଗେରୀର ମାର୍ଟେନ୍ ଫୁକ୍ସୋଭିକ୍ସଙ୍କ ଯୋଡ଼ିକୁ ଭେଟିବେ । ସେହିଭଳି ଅଣମାନ୍ୟତାପ୍ରାପ୍ତ ଯୋଡ଼ି ଭାମ୍ବରୀ ଏବଂ ଫ୍ରାନ୍ସର ଆଲଭାନୋ ଓଲିଭେଟି ରୁଷର ରୋମାନ୍ ସାଫିଉଲିନ୍ ଏବଂ ଅଷ୍ଟ୍ରେଲିଆର ଜନ୍ ପିୟର୍ସ୍‌ଙ୍କ ଯୋଡ଼ି ମଧ୍ୟରେ ମୁକାବିଲା ହେବ ।

ଟୁର୍ଣ୍ଣାମେଣ୍ଟକୁ ରାଫେଲ ନାଡାଲଙ୍କ ପ୍ରତ୍ୟାବର୍ତ୍ତନ ନୈରାଶ୍ୟଜନକ ଭାବେ ଶେଷ ହୋଇଥିବାବେଳେ ପୁରୁଷ ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ଆଲେକଜାଣ୍ଡାର ଜେଭେରେଭ ୩-୬, ୬-୭, ୩-୬ ସେଟ୍‌ରେ ପରାସ୍ତ ହୋଇଛନ୍ତି ।